# Akashvani, Sambalpur

## SAMBALPURI NEWS EVENING BULLETIN

## 24 August 2026-7.02- 7.12 pm.

---

୧- ଲୋକ୍‌ମାନ୍‌କର୍ ସମସ୍ୟା ଶୁନିକରି ତାର୍ ସମାଧାନ୍ କର୍‌ବାର୍ ସର୍‌କାର୍‌ଙ୍କର୍ ସର୍ବୋଚ୍ଚ ପ୍ରାଥମିକତା କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ଠାନେ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର କଲେ ଶୁଣାଣି ।

୨- ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନା-ହସ୍ତାନ୍ତରିତ୍ ରାସ୍ତା ଉନ୍ନତିକରଣ୍ କାର୍ଯ୍ୟକ୍ରମ୍‌କେ ଆଏବା ୪ ବଛର୍ ଲାଗି ବଢ଼ାଲେ ସର୍‌କାର୍ ।

୩- ରାଏଜେ ଦେବୋତର୍ ବିଭାଗ୍ ଅଧୀନ୍‌ଥି ପ୍ରଚଳିତ୍ ଓଡ଼ିଶା ହିନ୍ଦୁ ଧାର୍ମିକ୍ ଦେବୋତର୍ ଆଇନ୍ ୧୯୫୧ ଥି ସଂଶୋଧନ୍ ଲାଗି ବସ୍‌ଲା ଉଚ୍ଚସ୍ତରୀୟ ବୈଠକ୍ ।

ଆଉର୍

୪- ଶ୍ରାବଣ୍ ମାସର୍ ଶେଷ୍ ସୋମ୍‌ବାର୍ ଅବ୍‌ସରେ ପାଏନ୍ ଚଢ଼ାବାର୍ ଲାଗି ଭିନ୍ ଭିନ୍ ମହାଦେବ୍‌ଗୁଡ଼ିମାନ୍‌କେ ହେଇଛେ ଶ୍ରଦ୍ଧାଳୁମାନ୍‌କର୍ ଜବର୍ ଭିଡ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି        ଆର୍ଏନ୍ୟୁ/ ସମ୍ବଲପୁର

ଆମର୍ ଶାସନ୍ ବ୍ୟବସ୍ଥାର୍ ମୂଳ ନୀତି ହେଉଛେ ସହାନୁଭୂତି, ସମବେଦନା ଆଉ ସହୃଦୟତା । ଲୋକ୍‌ମାନ୍‌କର୍ ସମସ୍ୟା ଶୁନିକରି ତାର୍ ସମାଧାନ୍ କର୍‌ବାର୍ ଆମର୍ ସର୍‌କାର୍‌ଙ୍କର୍ ସର୍ବୋଚ୍ଚ ପ୍ରାଥମିକତା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ୟୁନିଟ୍- ୨ ନ ଆଏଜ୍ ୨୦ ନମ୍ବର୍ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିଥିବା ୬ ଶହ ନୁ ଅଏତ୍‌କା ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କରିଛନ୍ । ଶ୍ରୀ ମାଝୀ ଲୁକ୍‌କର୍ ସମସ୍ୟା ସିଧାସଲଖ୍ ଶୁନ୍‌ବାର୍ ସହେତେ ସମିଆ ଭିତ୍‌ରେ ତୁର୍‌ତି ଆଉ ନିର୍ଣ୍ଣାୟକ୍ ସମାଧାନ୍ ଲାଗି ସମ୍ପୃକ୍ତ ବିଭାଗ୍ ମାନକୁ ନିର୍ଦ୍ଦେଶ୍ ଦେଇକରି କହିଛନ୍...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଗଲା ୧୯ ଟା ଶୁଣାଣି ଶିବିର୍‌ଥି ଆସିଥିବା ଅଭିଯୋଗ୍ ମାନ୍‌କର୍ ଭିତ୍‌ରୁ ୯୫ ପ୍ରତିଶତ୍ ଅଭିଯୋଗ୍‌ର ସଫଲ୍ ସମାଧାନ୍ କରାଯାଇଛେ । ଇତାର୍ ସହେତେ ଜିଲ୍ଲାସ୍ତର୍ ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ନିୟମିତ ଭାବେ ଅଭିଯୋଗ୍ ଶୁଣାଣି କରୁଛନ୍ । ଜିଲ୍ଲାସ୍ତର୍ ନ ଜୁଲାଇ ଶେଷ୍‌ତକ୍ ୮୭ ପ୍ରତିଶତ୍ ଅଭିଯୋଗ୍‌ର ସମାଧାନ୍ ହେଇଛେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ

ଭିନ୍ ଭିନ୍ ଅସାଧ ରୋଗ୍‌ଥି ପିଡ଼ିତ୍ ୧୬ ଝନ୍‌କର୍ ଲାଗି ଆଏଜ୍ ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ଓ୍ୱିଣ୍ଡୋ ସିଷ୍ଟମ୍ ଜରିଏ ୧୪ ଲାକ୍ ୫୦ ହଜାର୍ ଟଙ୍କାର୍ ଚିକିତ୍ସା ସାହାଜ୍ ମଞ୍ଜୁର୍ କରିଛନ୍ । ଶୁଣାଣି ବେଲ୍‌କେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ଭିନ୍ ଭିନ୍ ବିଭାଗୀୟ ମନ୍ତ୍ରୀ ଆଉ ଅଧିକାରୀମାନେ ମାନେ ଉପସ୍ଥିତ୍ ଥିଲେ ।

## ଅଭିଯୋଗ୍ ଶୁଣାଣି

ସମ୍ବଲପୁର୍/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍/ ବୌଦ୍ଧ/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଜନଶୁଣାଣି ଶିବିର ହେଇଯାଇଛେ ।

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଲୟ ନ ହେଇଥିବା ଶୁଣାଣି ଶିବିର୍‌ଥି ଶହେ ୧୭ ଟା ଅଭିଯୋଗ ଆସିଥିବାର୍ ବେଲେ ୩ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ ନ ହେଇଥିବା ଶୁଣାଣି ଶିବିର୍‌ଥି ୪୨ ଟା ଅଭିଯୋଗ ଆସିଥିଲା ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ ଆମ୍ଝରି ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୩୪ ଟା ଅଭିଯୋଗ ଆସିଥିବାର୍ ବେଲେ ୬ ଟା ଅଭିଯୋଗ୍ର୍ ତୁର୍ତି ସମାଧାନ୍ କରାଯାଇଥିଲା ।

ଦେବ୍ଗଡ଼୍ ଜିଲ୍ଲା ବାର୍କୋଟ୍ ବ୍ଲକ୍ ଗୁର୍ସଙ୍ଗ୍ ଗ୍ରାମ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୪୬ ଟା ଅଭିଯୋଗ ଆସିଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ପଂଚାୟତ୍ ସମିତି କକ୍ଷ ନ ହେଇଥିବା ଶିବିରଥି ୮୫ ଟା ଅଭିଯୋଗ ଆସିଥିଲା । ଶିବିର୍ଥି ୪ ଝନ୍କୁ ଆର୍ଥିକ୍ ସାହାଜ୍ ସହେତେ ୨ ଝନ୍ ମହିଲା ଆଉ ଛୁଆଙ୍କୁ ପ୍ରତିପୋଷଣ୍ ସାହାଜ୍ ଦିଆଯାଇଛେ ।

କଲାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୮୨ ଟା ଅଭିଯୋଗ ଆସିଥିବାର୍ ବେଲେ ୧୦ ଟା ସମସ୍ୟାର୍ ତୁର୍ତି ସମାଧାନ୍ ହେଇଛେ ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାସ୍ତା ଉନ୍ନତିକରଣ୍ କାର୍ଯ୍ୟକ୍ରମ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଗ୍ରାମାଂଚଲ୍ ଯୋଗାଯୋଗ୍‌କେ ବର୍‌କସ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନା - ହସ୍ତାନ୍ତରିତ୍ ରାସ୍ତା ଉନ୍ନତିକରଣ୍ କାର୍ଯ୍ୟକ୍ରମ୍‌କେ ଆଏବା ୪ ବଛର୍ ଲାଗି ବଢ଼େଇଛନ୍ । ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ବିଜ୍ଞପ୍ତି ଅନ୍‌ସାରେ ୨୦୨୬-୨୭ ନୁ ୨୦୨୯ -୩୦ ତକ୍ ୫ ହଜାର୍ ୩ ଶହ ୬୫ କୋଟି ଟଙ୍କା ଖର୍ଚ୍ଚାଥି ପାଖାପାଖି ୨୩ ହଜାର୍ ୭ ଶହ ୫ କିଲୋମିଟର୍ ରାସ୍ତା ତିଆରି ଆଉ ଉନ୍ନତିକରଣ୍ କରାଯିବା । ଚାଲୁଥିବା ପ୍ରକଳ୍ପମାନ୍‌କୁ ଭିଲ୍ ସମିଆ ଭିତ୍‌ରେ ଶେଷ୍ କରାଯିବା । ସର୍‌କାର୍ ରାସ୍ତା ତିଆର୍‌ଥି ଗୁଣବତାକେ ପ୍ରାଥମିକତା ଦେଇଛନ୍ । ପ୍ରକଳ୍ପ ପୁରା ହେବାର୍ ଉତ୍‌ରୁ ଧାରିଜ୍ ସମିଆତକ୍ ଦେଖ୍‌ରେଖ୍‌ର ବ୍ୟବସ୍ଥା କରାଯିବା । ଇତାର୍‌ସହେତେ ୫ ବଛ୍‌ରିଆ ତ୍ରୁଟି ଦାୟିତ୍ୱ ଅବଧି ଭିଲ୍ ଲାଗୁ କରାଯିବା ।

ରାଜ୍ୟପାଲ୍ ଆଇ.ଆଣ୍ଡ.ପି.ଆର୍

ହିମାଚଲ୍‌ପ୍ରଦେଶ୍‌ର ୬ ହଜାର୍ ଶହେ ୧୧ ମିଟର୍ ଉଚ୍ଚା ମାଉଂଟ୍‌ୟୁନାମ୍ ଶୃଙ୍ଗ ସଫଲତାର୍ ସହେତେ ଚଢ଼ିଥିବା ଓଡ଼ିଶାର୍ ମହିଳା ପର୍ବତାରୋହୀ ଦଲ୍ ଆଏଜ୍ ଲୋକଭବନ୍ ନ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଦଲର୍ ସବୁ ସଦସ୍ୟଙ୍କୁ ଅଭିନନ୍ଦନ୍ ଜନେଇକରି ଅଭିଯାନ୍ ସମିଆର୍ ଆହ୍ୱାନ୍ ଆଉ ଅନୁଭୂତି ବାବ୍‌ଦେ ଆଲୋଚନା କରିଥିଲେ । ଦଲର୍ ୧୧ ଝନ୍‌କର୍ ଭିତ୍‌ରୁ ୫ ଝନ୍ ସଫଲତାର୍ ସହେତେ ପର୍ବତ୍ ଚଢ଼ିଥିବାର୍ ବେଲେ ୬ ଝନ୍ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ମଝି ନୁ ଫିରିଆସିଥିଲେ । ଇ ସଫଲତା ଓଡ଼ିଶା ଲାଗି ଗର୍ବ ଆଉ ଗୌରବ୍‌ର ବିଷେ ଆଏ ବଲି ରାଜ୍ୟପାଲ୍ କହିଛନ୍ ।

ଏସ୍‌ଆଇଆର୍-ଇଂଟନ୍‌ସିପ ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍‌କେ ନେଇକରି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ସମ୍ମିଲନୀ କକ୍ଷ ନ ଉତ୍କଳ ବିଶ୍ୱବିଦ୍ୟାଲୟର୍ ରାଜନୀତି ବିଜ୍ଞାନ୍ ବିଭାଗ୍‌ର ଛାତ୍ରଛାତ୍ରୀ ମାନ୍‌କର୍ ଇଂର୍ଟନ୍‌ସିପ୍ ଅଭିଜ୍ଞତା

ଉପସ୍ଥାପନା ହେଇଛେ । ରାଜ୍ୟମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍.ଗୋପାଲନ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଛାତ୍ରଛାତ୍ରୀମାନେ କ୍ଷେତ୍ରସ୍ତର୍ ନ ଏସ୍.ଆଇ.ଆର୍. କାର୍ଯ୍ୟସୂଚୀ ସମିଆଥି ସମ୍ମୁଖୀନ୍ ହେଇଥିବା ବାସ୍ତବିକ୍ ସମସ୍ୟା, ନିରୀକ୍ଷଣ୍ ଆଉ ଅନୁଭୂତି ଉପ୍ରେ ତଥ୍ୟ ଆଧାରିତ୍ ବିବରଣୀ ଉପସ୍ଥାପନ୍ କରିଥିଲେ । ଇ ଅବ୍ସରେ ଶ୍ରୀ ଗୋପାଲନ୍ ଛାତ୍ରଛାତ୍ରୀମାନ୍କର୍ ଉଦ୍ୟମ୍କେ ପ୍ରଶଂସା କରିକରି ଭୋଟର୍ ତାଲିକାକେ ସ୍ୱଚ୍ଛ ଆଉ ନିର୍ଭୁଲ୍ କର୍ବାର୍ଥି ଯୁଆନ୍ ପିଢ଼ିଙ୍କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି କହିଛନ୍ ।

ଦେବୋତର୍ ଆଇନ୍ ସଂଶୋଧନ୍ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଦେବୋତର୍ ବିଭାଗ୍ ଅଧୀନ୍ଥି ଥିବା ବହୁତ୍ ପୁର୍ନା ମନ୍ଦିର୍ ମଠ ଆଉ ଧାର୍ମିକ୍ ଅନୁଷ୍ଠାନ୍ର ସୁପରିଚାଳନା ଲାଗି ପ୍ରଚଳିତ୍ ଓଡ଼ିଶା ହିନ୍ଦୁ ଧାର୍ମିକ୍ ଦେବୋତର୍ ଆଇନ୍ ୧୯୫୧ ଥି ସଂଶୋଧନ୍କେ ନେଇକରି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଆଇନ୍, ପୂର୍ତ ଆଉ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ଙ୍କର୍ ଅଧ୍ୟକ୍ଷତାଥି

ହେଇଥିବା ବୈଠକ୍‌ଥି ପୁର୍‌ନା ଆଇନ୍‌ଥି ଥିବା ଅଦର୍‌କାରୀ ଧାରା ଆଉ ଉପଧାରାର୍ ସଂଶୋଧନ୍, କମିଶନର୍, ଅତିରିକ୍ତ କମିଶନର୍ ଆଉ କ୍ଷମତା ପ୍ରାପ୍ତ ଅଧିକାରୀମାନ୍‌କର୍ କ୍ଷମତା, କେଡ଼ର୍‌ର ପୁର୍ନଗଠନ୍, ବିଭାଗ୍‌ଥି ନୂଆଁ ନିଯୁକ୍ତି ସୃଷ୍ଟି ବାବ୍‌ଦେ ଆଲୋଚନା ହେଇଥିଲା । ସଂଶୋଧିତ୍ ଆଇନ୍ କାର୍ଯ୍ୟକାରୀ ହେଲେ ମନ୍ଦିର୍, ମଠ ଆଉ ଧାର୍ମିକ୍ ଅନୁଷ୍ଠାନ୍‌ର ପ୍ରଶାସନିକ୍ ଆଉ ଆର୍ଥିକ୍ ପରିଚାଳନା ଅଏତ୍‌କା ବର୍‌କସ୍ ହେବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଶ୍ରାବଣ୍ ଶେଷ୍ ସୋମ୍‌ବାର ଆର୍‌ଏନ୍‌ୟୁ

ସମ୍ବଲପୁର/ସୁବର୍ଣ୍ଣପୁର/କଲାହାଣ୍ଡି

ଶ୍ରାବଣ୍ ମାସର୍ ୪ ଆଉ ଶେଷ୍ ସୋମ୍‌ବାର୍‌ଥି ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ମହାଦେବ୍ ଗୁଡ଼ି ମାନ୍‌କେ ପାଏନ୍ ଢାଲ୍‌ବାର୍ ଲାଗି କାଉଡ଼ିଆମାନ୍‌କର୍ ବହୁତ୍ ଭିଡ୍ ହେଇଥିଲା । ଭୁବ୍‌ନେଶ୍ୱର୍‌ର ଲିଙ୍ଗରାଜ୍ ମନ୍ଦିର୍, ଭଦ୍ରକ୍‌ର ଆଖଣ୍ଡଳମଣି, ଢେଙ୍କାନାଲ୍‌ର କପିଳାସ, କଟକ୍‌ର ବାବା ଧବଳେଶ୍ୱର୍, ପୁରୀ ଶ୍ରୀଲୋକନାଥ

ମନ୍ଦିର୍  ନ ପାନି ଢାଲ୍‌ବାର୍ ଲାଗି ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍ ଲାଗି ରହିଛେ ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କନ୍ତେଶ୍ୱର୍ ଶିବ ମନ୍ଦିର୍ ନ ବାହାରୁ ବହୁତ୍‌ଟେ ଭକ୍ତ ପାଏନ୍ ନେଇକରି ଆସିକରି ଶିବଙ୍କୁ ପାଏନ୍ ଚଢ଼େଇଛନ୍ । ଇତାର୍‌ଛଡ଼ା ସମ୍ବଲ୍‌ପୁର୍ ସହରର୍ ବାଲିବନ୍ଧା, ବୁଢ଼ାରଜା, ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା ସହେତେ ସବୁ ଶିବମନ୍ଦିର୍ ମାନ୍‌କେ ଦର୍ଶନ୍ ଆର୍ ପାଏନ୍ ଚଢ଼ାବାର୍‌କେ ଭକ୍ତ ଆର୍ କାଉଡ଼ିଆମାନ୍‌କର୍ ଜବର୍ ଭିଡ଼୍ ଲାଗିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଶୈବ ପୀଠମାନ୍‌କେ ଭକ୍ତମୟ ପରିବେଶ୍ ହେଇଛେ । ମହାନଦୀ ଆଉ ତେଲ୍‌ନଦୀର୍ ସଙ୍ଗମ୍‌ସ୍ଥଲୀର୍ ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍ ଆଉ ବିନ୍‌କାର୍ ପାପକ୍ଷୟ ଘାଟୁ ପାଏନ୍ ଆନିକରି ମହାଦେବଙ୍କର୍ ପାଖେ ଜଳାଭିଷେକ୍ କରିଛନ୍ । କଲାହାଣ୍ଡି ଜିଲ୍ଲାର୍ ଭିନ୍ ଭିନ୍ ଶିବଗୁଡ଼ିମାନ୍‌କେ କାଉଡ଼ିଆମାନେ ପାଏନ୍ ଢାଲ୍‌ବାର୍ ସହେତେ ପୂଜା କରିଛନ୍ ।

ଜାତୀୟ କ୍ରୀଡ଼ା ଦିବସ୍          ସମ୍ବଲପୁର ସମ୍ବାଦଦାତା

ଜାତୀୟ କ୍ରୀଡ଼ା ଦିବସ୍ ପାଲନ୍ ଅବ୍‌ସରେ ଆଏବା ୨୭ ତାରିଖ୍ ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ବିକଶିତ ଭାରତ୍ ଯୁବା କନେକ୍ଟ- ସ୍ପୋର୍ଟସ୍ ଏଡ଼ିସନ୍ ଆୟୋଜିତ୍ ହେବା । ମେରା ଯୁବା ଭାରତ୍ ସମ୍ବଲ୍‌ପୁର୍ ଆଉ ଆଇଆଇଏମ୍ ସମ୍ବଲ୍‌ପୁର୍‌ର ମିଲିତ୍ ସହଯୋଗ୍‌ଥି ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଆଇଆଇଏମ୍ ସମ୍ବଲ୍‌ପୁର୍‌ର ଛାତ୍ରଛାତ୍ରୀମାନେ ଭାଗ୍ ନେବେ ଆଉ ଛାତ୍ରଛାତ୍ରୀମାନ୍‌କୁ କ୍ରୀଡ଼ା ଯୁବ ନେତୃତ୍ୱ ଆଉ ରାଷ୍ଟ୍ରନିର୍ମାଣ୍ ଆଲୋଚନାଥି ସାମିଲ୍ କରାଯିବା । ଇତାର୍‌ସହେତେ ମହିଳା ମହାବିଦ୍ୟାଲୟ -ସମ୍ବଲ୍‌ପୁର୍ ନ ଏନ୍‌ଏସ୍‌ଏସ୍‌ର ସହଯୋଗ୍‌ଥି ଭିଲ୍ ଇ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ କରାଯିବା ।

ସଚେତନତା କାର୍ଯ୍ୟକ୍ରମ୍- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଠାନେ ଜୁନିୟର୍ ରେଡ଼୍‌କ୍ରସ୍ ତର୍‌ଫୁ ଚଡ଼୍‌କ୍‌ମରା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ପ୍ରାକୃତିକ୍ ବିପର୍ଯ୍ୟୟ ପରିଚାଳନା କର୍ମଚାରୀମାନେ ଯୋଗ୍

ଦେଇକରି ଛାତ୍ରଛାତ୍ରୀମାନ୍‌କୁ ଚଡ଼କ୍ ମରା ସମିଆଥି ନିଜ୍‌କେ କେନ୍ତାକରି ସୁରକ୍ଷିତ୍ ରଖିବେ ସେଥିର୍‌ବାବ୍‌ଦେ ସଚେତନ୍ କରେଇଥିଲେ । ଇତାର୍‌ସହେତେ ଇ ସମିଆଥି ଜଲାଶୟ, ଲାଇନ୍‌ତାର୍, ଧାତୁ ଜିନିଷ୍‌ନୁ ଦୂରେ ରହେବାର୍‌କେ ପରାମର୍ଶ ଦେଇଥିଲେ ।

ଏସିଆନ୍ ଗେମ୍ସ ଆର୍‌ଏନ୍‌ୟୁ/ କଟକ୍

ଜାପାନ୍ ନ ହେବାର୍‌କେ ଥିବା ଏସିଆନ୍ ଗେମ୍ସ-୨୦୨୬ ଥି ଓଡ଼ିଆ ଖେଲାଲି ଶ୍ରାବଣୀ ନନ୍ଦ ଆଉ ଅନିମେଶ୍ କୁଜୁର ଭାରତ୍‌କେ ପ୍ରତିନିଧିତ୍ୱ କର୍‌ବେ । ମହିଳା ୪ ଶହ ମିଟର ରିଲେ ରେସ୍‌ଥି ଶ୍ରାବଣୀ ଭାଗ୍ ନେଉଥିବାର୍ ବେଲେ ଅନିମେଶ୍ ପୁରୁଷ ବିଭାଗ୍‌ର ଶହେ ମିଟର୍, ୨ ଶହ ମିଟର୍, ମିକ୍ସଡ୍ ୪ ଶହ ମିଟର୍ ରିଲେ ପ୍ରତିଯୋଗିତାଥି ଭାଗ୍ ନେବେ । ଆଏବା ମାସ ୧୯ ତାରିଖ୍‌ନୁ ଏସିଆନ୍ ଗେମ୍ସ ମୁଲ୍ ହେଇକରି ଅକ୍ଟୋବର୍ ୪ ତାରିଖ୍ ତକ୍ ହେବା ।

ପାଣିପାଗ ଆଇ.ଆଣ୍ଡ୍.ପି.ଆର୍

ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ଲାଗି ରହିଛେ । ଆଏବାକାଏଲ୍ ସଖାଲ୍‌ତକ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ବିଜ୍‌ଲି ଘଡ୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ସତର୍କ କରାଯାଇଛେ । ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ରାଏଜେ ଲଘୁଚାପ୍ ଜନିତ ବର୍ଷା ଆଉ ବଏଢ଼୍ ପରିସ୍ଥିତି ଉପ୍‌ରେ ରାଜ୍ୟ ସର୍‌କାର୍ ନଜର୍ ରଖିଛନ୍ । ଆଏଜ୍ ସଖାଲର୍ ୧୧ ବଜେତକ୍ ମିଲିଥିବା ସ୍ଥିତି ଅନ୍‌ସାରେ ପରିସ୍ଥିତିକେ ରାଜ୍ୟ ଜରୁରୀକାଲୀନ୍ ପରିଚାଲନା କେନ୍ଦ୍ର ତର୍‌ଫୁ ୨୪ ଘଂଟା ନିରୀକ୍ଷଣ୍ କରାଯାଉଛେ ଆଉ ଇହାଦେ ସ୍ଥିତି ନିୟନ୍ତ୍ରଣାଧୀନ୍ ରହିଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଝର ୬ ବଜେତକ୍ ୬ ଶହ ୨୩ ଦଶ୍‌ମିକ୍ ଶୂନ୍/୮ ଫୁଟ୍ ରହିଥିଲା ।

ଇହାଦେ ୮ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ରେ ଜଳଭଣ୍ଡାର୍‌କୁ ୧ ଲାଖ୍ ୬୨ ହଜାର୍ ୩ ଶହ ୩୦ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୭୩ ହଜାର୍ ୩ ଶହ ୭୭ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।